# ତହସଲଦାରଙ୍କ ଅଦାଲତ, ନାକଟଦେଉଳ

ମିସ କେଶ ନଂ 03/24 Tagging/MLA Case No- 64/24 ପି ଆର ନଂ 767/22.05.24

ପତ୍ର ସଂଖ୍ୟା 1081 **ସର୍ବସାଧାରଣ ଘୋଷଣା** ତାରିଖ 22.05.2024

ଗୋଷ୍ଠୀ ଶିକ୍ଷା ଅଧିକାରୀ ନାକଟି ଦେଉଳ, ସରକାରୀ ପ୍ରାଥମିକ ବିଦ୍ୟାଳୟ ତିଳେଇମାଳ ର ବ୍ୟବହୃତ ସରକାରୀ ଜମି କୁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଓଡିଶା ସରକାର ମାର୍ଫତ ସରକାରୀ ପ୍ରାଥମିକ ବିଦ୍ୟାଳୟ ତିଳେଇମାଳ ନାମରେ ନିୟମିତ କରିବା ପାଇଁ ଆବେଦନ କରିଛନ୍ତି ଏହି ସଂକ୍ରାନ୍ତ ରେ ଆବଶ୍ୟକୀୟ ଗୋଚର ଜମିର ଅଭାବ ରହିଛି ଏଣୁ ସେହି ଗୋଚର ଜମି ଭରଣା କରିବା ପାଇଁ ନିମ୍ନ ତଫସିଲ ଭୁକ୍ତ ଜମି ଚିହ୍ନଟ କରା ଯାଇଅଛି ଯାହାର ମନ୍ତବ୍ୟ ସ୍ତମ୍ଭ ରେ ଓଡିଶା ର ଯବାନ ମାନଙ୍କ ପାଇଁ ସଂରକ୍ଷିତ ଲେଖା ରହିଛି । ଏଣୁ ଯେହେତୁ ରାଜସ୍ବ ନିରୀକ୍ଷକ ତାଙ୍କ ରିପୋର୍ଟ ରେ ଦର୍ଶାଇ ଛନ୍ତି ଯେ ଏହି ଖୋଲା ଜାଗା କୁ ଗୋଚର ଜମି ଭାବରେ ସଂରକ୍ଷିତ ରଖା ଯାଇ ପାରିବ ତେଣୁ ମନ୍ତବ୍ୟ ସ୍ତମ୍ଭ ରୁ ଯବାନ ମାନଙ୍କ ପାଇଁ ସଂରକ୍ଷିତ ବାଦ ଦେବାର ଆବଶ୍ୟକତା ରହିଛି ଯାହା ପାଇଁ ଜିଲ୍ଲାପାଳ କ୍ଷମତାସିନ ଅଟନ୍ତି ।

ଏଣୁ ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ ଉପୋରକ୍ତ ଉଦ୍ଦେଶ୍ୟ ପାଇଁ ମନ୍ତବ୍ୟ ସ୍ତମ୍ଭ ରୁ ମନ୍ତବ୍ୟ (ଓଡିଶା ର ଯବାନ ମାନଙ୍କ ପାଇଁ ସଂରକ୍ଷିତ) ବାଦ ଦିଆ ଯିବ ଏଣୁ ଏଥିରେ ଯଦି କାହାରି କୌଣସି ଆପତ୍ତି ଥାଏ ତାହା ହେଲେ ଏହି ସୂଚନାର 15 ଦିନ ମଧ୍ୟ ରେ ଲିଖିତ ଭାବରେ ନିମ୍ନ ସ୍ୱାକ୍ଷର କାରୀଙ୍କ ଠାରେ ଜଣାଇ ପାରିବେ ଅନ୍ୟଥା କୌଣସି ଆପତ୍ତି ନାହିଁ ବୋଲି ବିଚାର କରି ମନ୍ତବ୍ୟ ସ୍ତମ୍ଭରୁ ମନ୍ତବ୍ୟ ହଟାଇ ଦିଆଯିବ ।

ସ୍କୁଲ ପାଇଁ ପ୍ରସ୍ତାବିତ ଜମି

| ମୌଜା | ଖାତା ନଂ | ପ୍ଲଟ ନଂ | ରକବା | କିସମ | ଆବଶ୍ୟକ |
|---|---|---|---|---|---|
| ତିଳେଇମାଳ ନୂତନ | 08 | 119(P) | Ac 0.77 | ଗୋଚର | ଆବଶ୍ୟକୀୟ ଗୋଚର |
| | | 120 | Ac 0.23 | ଗୋଚର | ଭୂମି ଭରଣା କରିବାର |

ଗୋଚର ଭରଣା ପାଇଁ ଆବଶ୍ୟକୀୟ ଜମି

| ମୌଜା | ଖା ନଂ | ପ୍ଲଟ ନଂ | ରକବା | କିସମ | ମନ୍ତବ୍ୟ |
|---|---|---|---|---|---|
| ତିଳେଇମାଳ ନୂତନ | 10 | 39 | 2.07 | Patita | ଓଡିଶା ର ଯବାନ ମାନଙ୍କ ପାଇଁ ସଂରକ୍ଷିତ |
| | | 184 | 1.08 | Patita | |
| | | 283 | 1.26 | Patita | |
| | | 320/364 | 2.60 | Patita | |
| | | 15 | 1.45 | Patita | |
| | | 286/391 | 2.32 | Patita | |

ତହସିଲଦାର, ନାକଟିଦେଉଳ
TAHASILDAR
NAKTIDEUL

ପରି ପତ୍ର ସଂଖ୍ୟା 1082 ତାରିଖ 22.05.2024

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ, ନାକଟିଦେଉଳ/ ସରପଞ୍ଚ, ....................../ ଗ୍ରାମବାସୀ, .......................... ଙ୍କୁ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା |

ତହସିଲଦାର, ନାକଟିଦେଉଳ
TAHASILDAR
NAKTIDEUL

ପରି ପତ୍ର ସଂଖ୍ୟା 1083 ତାରିଖ 22.05.2024

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ DeGM(NIC), ସମ୍ବଲପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉପୋରକ୍ତ ସର୍ବସାଧାରଣ ଇସ୍ତାହାରକୁ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟିରେ ପ୍ରକାଶନ ଅନୁରୋଧ କରଗଲା

ତହସିଲଦାର, ନାକଟିଦେଉଳ
TAHASILDAR
NAKTIDEUL